# ୧୦୧ ବର୍ଷରେ ବି ଥକିନାହାନ୍ତି ସୁଧାଂଶୁ

## ସାହିତ୍ୟ ସହ ଜୀବନ ଯୋଡ଼ି ଲଭିଛନ୍ତି ଆତ୍ମତୃପ୍ତି

ତିହିଡ଼ି,୨୧।୫(ସଞ୍ଜିତ ବଳ)

ବୟସ ଶହେ ଟପିଲାଣି। ଆଖିକୁ ଆଉ ଭଲ ଦିଶୁନାହିଁ। କାନକୁ ବି ଠିକ୍ ଭାବେ ଶୁଣାଯାଉନି। ତଥାପି ସେ ଥକିନାହାନ୍ତି କି ଥକି ପଡ଼ିନି ତାଙ୍କ କଲମ। ତାଙ୍କ ଭାବନା ଓ ସୃଜନଶୀଳତା ପାଖରେ ହାର ମାନିଛି ବାର୍ଦ୍ଧକ୍ୟ। କିଛି ବର୍ଷ ପୂର୍ବେ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଜୀବନୀର କାବ୍ୟରୂପ ଦେଇ ବେଶ୍ ଆଲୋଚିତ ହୋଇଥିବା କବି ଓ ନାଟ୍ୟକାର ହେଉଛନ୍ତି ସୁଧାଂଶୁ ଶେଖର ବେହେରା(୧୦୧)। ତିହିଡ଼ି ବ୍ଲକ ଅଧୀନ କୋହ୍ଲ ପଞ୍ଚାୟତର ସଦରବଳିଆ ଗ୍ରାମରେ ଏବେ ସେ ସ୍ଥାୟୀ ବାସିନ୍ଦା ହୋଇଥିଲେ ବି ତାଙ୍କ ମୂଳ ଘର ଭଣ୍ଡାରିପୋଖରୀ ବ୍ଲକର ନଳାଙ୍ଗ ଗ୍ରାମରେ। ଜୀବନରେ ଆସିଥିବା ଅନେକ ଝଡ଼ଝଞ୍ଜା ପାଖରେ ସେ ଆତ୍ମସମର୍ପଣ କରିନାହାନ୍ତି। ବରଂ ସାହିତ୍ୟ ସହ ଜୀବନକୁ ଯୋଡ଼ି ଆତ୍ମତୃପ୍ତି ଲଭିଥିବା ସେ କହିଛନ୍ତି।

ସୁଧାଂଶୁ କହନ୍ତି, ସେ ୩ ବର୍ଷର ହୋଇଥିବା ବେଳେ ମା' ଓ ୫ବର୍ଷ ବୟସ ବେଳକୁ ବାପାଙ୍କୁ ହରାଇଥିଲେ। ବଡ଼ଭାଇ ପଲ୍ଲୀକବି କୃଷ୍ଣଚରଣ ବେହେରା ତାଙ୍କ ଲାଳନପାଳନ ଦାୟିତ୍ୱ ନେଇଥିଲେ। ଦାରିଦ୍ର୍ୟତା ଯୋଗୁ ୩ୟ ଶ୍ରେଣୀରୁ ତାଙ୍କ ପାଠପଢ଼ାରେ ଡୋରି ବନ୍ଧା ଯାଇଥିଲା। ଯୁବାବସ୍ଥାରେ ସେ ଗାଁ ଛାଡ଼ି କୋଲକାତା ଯାଇ ଏକ କମ୍ପାନୀରେ ଚାକିରି କରିଥିଲେ। ସେଠାରେ ସେ ଅଧିକ ୨ ଶ୍ରେଣୀ ପାଠ ପଢ଼ିଥିଲେ। ସାହିତ୍ୟ ପ୍ରତି ଥିବା ଦୁର୍ବଳତା ଯୋଗୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ଯାହା କ୍ରମଶଃ ବିଭିନ୍ନ


ସାଧନା କକ୍ଷରେ କବି ସୁଧାଂଶୁ ଶେଖର ବେହେରା।

ପତ୍ରପତ୍ରିକାରେ ପ୍ରକାଶିତ ହେବା ପରେ ସେ ଯଥେଷ୍ଟ ପ୍ରେରଣା ପାଇଥିଲେ। ତେବେ କୋଲକାତାରେ ଅସୁସ୍ଥ ହେବାରୁ ତାଙ୍କ ଭାଇ ତାଙ୍କୁ ଗାଁକୁ ନେଇ ଆସିଥିଲେ। ପରେ ସେ ହାରମୋନିୟମ ଓ ସଙ୍ଗୀତ ଶିକ୍ଷା ଲାଭ କରିଥିଲେ। ୧୯୫୪ରେ ବାହାବଳପୁର ପଞ୍ଚାୟତ ଅଧୀନ ପରମାନନ୍ଦପୁର ଗ୍ରାମରେ ମଞ୍ଚସ୍ଥ ହେଉଥିବା ନାଟକର ନିର୍ଦ୍ଦେଶନା ଦେବାକୁ ସେ ତିହିଡ଼ି ଆସିଥିଲେ। ପରେ ସେ ସେହି ଯାତ୍ରା ଦଳର ପରିଚାଳନା ଦାୟିତ୍ୱ ନେଇଥିଲେ। ସେବେଠୁ ସେ ତିହିଡ଼ିରେ ରହିବାରେ ଲାଗିଥିଲେ। ଜୀବନରେ ବିବାହ ନ କରିବାକୁ ନିଷ୍ପତ୍ତି ନେଇଥିବା ସୁଧାଂଶୁ କେତେକ ବ୍ୟକ୍ତିଙ୍କ ପରାମର୍ଶରେ ୩୮ ବର୍ଷ ବୟସରେ ବିବାହ କରିଥିଲେ। ପରିବାରର ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ କମାରିଆ ବଜାରରେ କିଛିବର୍ଷ ରେଡିଓ ଏବଂ ଘଡ଼ି ମରାମତି କରି ପରିବାର ଚଳାଇଥିଲେ।

୧୯୮୦ରେ 'କାଞ୍ଚି ବିଜୟ' ନାମରେ ତାଙ୍କର ଏକ କାବ୍ୟ ପ୍ରକାଶିତ ହୋଇଥିଲା। ପରେ ସେ ସାଧବ ଝିଅ, ଫୁଲ ଫସଲ, ବାଜି ରାଉତର ଚରମ ପତ୍ର, ସୂର୍ଯ୍ୟଶଙ୍ଖ ଇତ୍ୟାଦି କାବ୍ୟ ପୁସ୍ତକ ରଚନା କରିଥିଲେ। ଶିଶୁ ସାହିତ୍ୟ ରଚନାରେ ସେ ସିଦ୍ଧହସ୍ତ ବୋଲି ତାଙ୍କ ରଚନା ମାଟି ସରଗରୁ ପ୍ରମାଣ ମିଳେ। ତାଙ୍କ ରଚିତ ଶତାଧିକ ନାଟକ ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇଥିଲେ ବି ପ୍ରାୟ ୭୦ ଖଣ୍ଡ ନାଟକ ପ୍ରକାଶିତ ହୋଇପାରି ନାହିଁ। ଆକାଶବାଣୀ କଟକ କେନ୍ଦ୍ରର ଶିଶୁ ସଂସାରରେ ତାଙ୍କର ୨୨ଟି ନାଟକ ପ୍ରଚାରିତ ହୋଇଛି। ମାର୍କୋଣାସ୍ଥିତ ନବୋଦ୍ୟମରେ ୨୫ ବର୍ଷ ରହି ସେ ସଙ୍ଗୀତ ଶିକ୍ଷା ଦେବା ସହ ନାଟକ ରଚନା କରି ଚାଲିଥିଲେ। ସେହି ସମୟରେ ହିଁ ସେ ଶ୍ରୀଅରବିନ୍ଦଙ୍କ ଜୀବନୀକୁ ନେଇ କାବ୍ୟ ରଚନା କରିଥିଲେ। ଏକ ପାଠାଗାର କରିବା ସ୍ୱପ୍ନରେ ବିଭିନ୍ନ ସ୍ଥାନରୁ ସେ ୮ ହଜାରରୁ ଊର୍ଦ୍ଧ୍ୱ ବହି ସଂଗ୍ରହ କରିଥିଲେ। ମାତ୍ର ୧୯୯୯ ମହାବାତ୍ୟାରେ ତାଙ୍କର ସ୍ୱପ୍ନ ଭାସି ଯାଇଥିଲା। ବହି ସହ ତାଙ୍କର ଅନେକ ପାଣ୍ଡୁଲିପି ମଧ୍ୟ ନଷ୍ଟ ହୋଇଯାଇଥିବା କହି ସେ ଦୁଃଖପ୍ରକାଶ କରନ୍ତି। ଏବେ ଘରେ ତାଙ୍କର ପୁଅବୋହୂ, ନାତିନାତୁଣୀ ଥିବାବେଳେ ଗତବର୍ଷ ପତ୍ନୀଙ୍କୁ ହରାଇବା ପରେ ସେ ନିଃସହାୟ ହୋଇପଡ଼ିଛନ୍ତି। ଏଭଳି ଜଣେ ସାରସ୍ୱତ ପ୍ରତିଭା ଓଡ଼ିଶା ସାହିତ୍ୟ ଏକାଡେମୀର ଦୃଷ୍ଟିକୁ ନ ଆସିବା ପରିତାପର ବିଷୟ ହୋଇଛି। ସେ ଜୀବନକାଳରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ହାତ ଚାଲୁଥିବା ଯାଏ ସେ ତାଙ୍କର ଅନୁଭବକୁ ପରିପ୍ରକାଶ କରି ଚାଲିଥିବେ ବୋଲି ସୁଧାଂଶୁ କହିଛନ୍ତି।

## ସଂକ୍ଷେପରେ

### ଦେଶୀ, ବିଦେଶୀ ମଦ ଜବତ: ୪ ଗିରଫ

ଧାମନଗର,୨୧।୫
(ସନ୍ତୋଷ କୁମାର ମହାପାତ୍ର)

ଅବକାରୀ ବିଭାଗ ଓ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଧାମନଗରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଦେଶୀ, ବିଦେଶୀ ମଦ ଜବତ ସହ ବେଆଇନ ଭାବେ ବିକ୍ରି କରୁଥିବା ୪ ବେପାରୀଙ୍କୁ ଗିରଫ କରାଯାଇଛି। ଧାମନଗର ପାଟୁଳି ଓ ତଲଙ୍ଗା ଅଞ୍ଚଳର ୪ଟି ସ୍ଥାନରେ ଚଢ଼ାଉ ବେଳେ ପ୍ରାୟ ୨୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ତଲଙ୍ଗାରୁ ପ୍ରଭାକର ମିଶ୍ର(୬୧), ପାଟୁଳିରୁ ରଶ୍ମିରଞ୍ଜନ ଜେନା(୩୮), ଭାର୍ଗବୀ ତ୍ରିପାଠୀ(୪୫) ଏବଂ ପ୍ରମିଳା ତ୍ରିପାଠୀ(୩୮)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏନେଇ ମାମଲା (ନଂ.୩୩, ୩୪, ୩୫ ଓ ୩୬/୨୪-୨୫) ରୁଜୁ ହୋଇଛି। ଧାମନଗର ଅବକାରୀ ଅଧିକାରୀ ଅଭିଳାଷ ପାଲ ଏବଂ ଏନଫୋର୍ସମେଣ୍ଟ ଅଧିକାରୀ ଭାସ୍କର ଚନ୍ଦ୍ର ଦାସଙ୍କ ସମେତ ଅନ୍ୟ ଅଧିକାରୀ ଚଢ଼ାଉରେ ସାମିଲ ଥିଲେ।

### ବର୍ଜ୍ୟବସ୍ତୁ ସଂରକ୍ଷଣ, ପରିଚାଳନା କର୍ମଶାଳା

ଭଦ୍ରକ,୨୧।୫(ସନାତନ ରାଉତ)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ 'ବର୍ଜ୍ୟବସ୍ତୁ ସଂରକ୍ଷଣ ଓ ପରିଚାଳନା' ସମ୍ପର୍କିତ ଏକ କର୍ମଶାଳା ମଙ୍ଗଳବାର ଓଡ଼ିଶା ଗାନ୍ଧୀ ବାଳାଶ୍ରମ ଶିଶୁଯତ୍ନ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ପରିମଳ ବିଶେଷଜ୍ଞ ଆଶିଷ କୁମାର ମହାପାତ୍ର ଓ ଆଇନସେବା ପ୍ରାଧିକରଣର ଆଇନ ସହାୟକ ତଥା ଜନ ଅଭିରକ୍ଷକ ସଦସ୍ୟ ଡ. ତାପସୀ କୁମାର ମହାନ୍ତି, ଓଡ଼ିଶା ଗାନ୍ଧୀ ବାଳାଶ୍ରମ ଓ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। କଠିନ ଅଳିଆ ଆବର୍ଜନା ତଥା ବୈଦ୍ୟୁତିକ ଆବର୍ଜନା ସଂଗ୍ରହ ଓ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ପିଲା, କର୍ମଚାରୀମାନଙ୍କୁ ବିଭିନ୍ନ କୌଶଳ ଓ ସଂରକ୍ଷଣର ନମୁନା ପ୍ରଦର୍ଶନ କରାଇଥିଲେ। ଶେଷରେ ଛୋଟ ପିଲାମାନଙ୍କ ଦ୍ୱାରା ସଙ୍ଗୀତ ଗାନ ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା।

### ରାଜପଥରୁ ଆସାମ ଯୁବକଙ୍କ ମୃତଦେହ ଜବତ

ରୂପସା, ୨୧।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅମର୍ଦ୍ଦାରୋଡ୍ ଫାଣ୍ଡି ଅଧୀନ ଗୋଡ଼ିଖାଲ ନିକଟରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଆସାମ ରାଜ୍ୟର ପାଣିଖାଇତି ତାମୁଲବାରୀ ଅଞ୍ଚଳର ରାମ ଚେତ୍ରୀ(୫୪)। ଗୋଡ଼ିଖାଲ ଛକର ଜାତୀୟ ରାଜପଥ ପାର୍ଶ୍ୱ ଦୁଇ ଡିଭାଇଡର ମଝି ଘାସବୁଦା ମଧ୍ୟରେ ମୃତଦେହ ପଡ଼ି ରହିଥିଲା। ସ୍ଥାନୀୟ ଲୋକେ ଦେଖି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି।

# ୨୩ରେ ନଡ୍ଡାଙ୍କ ଧାମନଗର ଗସ୍ତ

ଧାମନଗର, ୨୧।୫ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଆସନ୍ତା ୨୩ ତାରିଖରେ ଭଦ୍ରକ ଜିଲାର ଧାମନଗରକୁ ଆସିବେ। ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ଅସୁରାଳି ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଭାଜପା ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଓ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ନଡ୍ଡା ଗୁରୁବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଷ୍ଟାଡିୟମ ପଡ଼ିଆରେ ଏକ ଜନ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଥିବା ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ ସୂଚନା ଦେଇଛନ୍ତି। ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଅସୁରାଳି ଗସ୍ତକୁ ନେଇ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି।

ଏନେଇ ଦଳ ପକ୍ଷରୁ ମଙ୍ଗଳବାର ରାତିରେ ଅସୁରାଳିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ଉପସ୍ଥିତ ରହି ପ୍ରସ୍ତୁତି ସମୀକ୍ଷା କରିଥିଲେ। ଭାଜପା ନେତା ଅଶୋକ ପୁହାଣ, ମନୋଜ ମଲ୍ଲିକ, ନାରାୟଣ ସାହୁ, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ଚତୁର୍ଭୁଜ ନାୟକ, ଅଜୟ ବଳ, କୈଳାସ ମହାପାତ୍ର, ବିଦ୍ୟାଧର ରାଉତ, ବୈକୁଣ୍ଠ ସାହୁ, ଶ୍ରୀକାନ୍ତ ନାୟକ, ଦେବେନ୍ଦ୍ର ପୁହାଣ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

# ରାଷ୍ଟ୍ର ନିର୍ମାଣରେ ନାଗରିକଙ୍କ ଭୂମିକା ସମ୍ପର୍କିତ ଆଲୋଚନା




ଭଦ୍ରକ, ୨୧।୫(ରବିନାରାୟଣ ଖିଲାର)

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ପକ୍ଷରୁ ଭଦ୍ରକ ଗୁଜରାଟୀ ଭବନଠାରେ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ଅଧ୍ୟକ୍ଷ ମିତସ୍ମିତା ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ପଣ୍ଡିତ ଦୈତାରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗୟାଧର ପଣ୍ଡା ଓ ଶାନ୍ତନୁ ରାଉତ ଯୋଗଦେଇ 'ରାଷ୍ଟ୍ର ନିର୍ମାଣରେ ନାଗରିକଙ୍କ ଭୂମିକା' ଶୀର୍ଷକ ଉପରେ ଆଲୋଚନା କରିଥିଲେ। ପ୍ରତ୍ୟକ ନାଗରିକଙ୍କର ଭୋଟ ଦେବାର ଅଧିକାର ରହିଛି। ସମସ୍ତେ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବା ସହ ଭୋଟ ହାର ଶତପ୍ରତିଶତ ହେବା ଉଚିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

# କୁଆଁର୍ଦାରେ ଅଗ୍ନିକାଣ୍ଡ


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ଭଦ୍ରକ,୨୧।୫(ସନାତନ ରାଉତ)

ବନ୍ତ ତହସିଲ ଅଧୀନ ଆଡ଼ିଆ ପଞ୍ଚାୟତର କୁଆଁର୍ଦା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯାଇଛି। ଗ୍ରାମର ରାମ ସିଂଙ୍କ ଘରେ ନିଆଁ ଲାଗିଯାଇ ଆସବାବପତ୍ର ସହ ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ଆଗରପଡ଼ାରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ମୀନା କୁମାରୀ ଜେନା ଓ ପୂର୍ବତନ ସରପଞ୍ଚ ବିଜୟ ଜେନା ଅଗ୍ନିବିପନ୍ନ ପରିବାର ପାଖରେ ପହଞ୍ଚି ସମସ୍ତ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ବିଦ୍ୟୁତ୍ ଶର୍ଟ୍ ସର୍କିଟ୍‌ରୁ ଘଟିଥିବା ଅନୁମାନ କରାଯାଉଛି।

## ଟଙ୍କା, ମୋବାଇଲ ଛଡାଇ ନେଇଥିବା ଯୁବକ ଗିରଫ

ବାହାନଗା, ୨୧।୫(ଅରୂପ କୁମାର ଦାସ)

କାମ କରୁଥିବା ଶ୍ରମିକଙ୍କଠାରୁ ଟଙ୍କା ଓ ମୋବାଇଲ ଛଡାଇ ନେଇଥିବା ଯୁବକଙ୍କୁ ଖନ୍ତାପଡା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ମାମଲା(ନଂ.୧୦୫/୨୪) ରୁଜୁ କରାଯାଇଛି। ଗିରଫ ଯୁବକଙ୍କଠାରୁ ଗୋଟିଏ ତେଲେଙ୍ଗାକଟୁରୀ, ଦୁଇଟି ମୋବାଇଲ ଫୋନ ଓ ୨ହଜାର ୩ଶହ ଟଙ୍କା ଜବତ କରାଯାଇଛି। ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକର ଶ୍ରୀଜଙ୍ଗଠାରେ ଥିବା କଣ୍ଟିଆଚିରା ନାଳ କାମ ହେଉଥିବା ବେଳେ ସେହି କାମରେ ନିୟୋଜିତ ହୋଇଥିବା ଲୋକମାନେ ସେହିଠାରେ ରହିଥାନ୍ତି। ମାତ୍ର କାମ ସରିବା ପରେ ସନ୍ଧ୍ୟାରେ ଫାଙ୍କାରେ ବସିଥିବା ବେଳେ ନିକଟସ୍ଥ ଗ୍ରାମର ଜଣେ ଯୁବକ ତେଲଙ୍ଗା କଟୁରୀ ବସିଥିବା ଶ୍ରମିକଙ୍କ ବେକରେ ଲଗାଇ ଦୁଇଜଣଙ୍କ ମୋବାଇଲ ଫୋନ ଓ ସେମାନଙ୍କ ପାଖରେ ଥିବା ୨ ହଜାର ୩ଶହ ଟଙ୍କା ଧରି ପଳାଇଥିଲେ। ଶ୍ରମିକମାନେ ଏ ବାବଦରେ କହିବା ପରେ ଠିକାଦାର ଭଜଗୋବିନ୍ଦ ନାୟକ ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

## କର୍କଟରେ ଆକ୍ରାନ୍ତ ଶିକ୍ଷକ

ଭଦ୍ରକ,୨୧।୫ (ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଅଡ଼ାଳପଙ୍କ ଗ୍ରାମର ଘରୋଇ ସ୍କୁଲ ଶିକ୍ଷକ ଅପର୍ତ୍ତି ଜେନା(୫୧) କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ୨ ବର୍ଷ ଧରି ଚିକିତ୍ସାରେ ନିଜର ସମସ୍ତ ପୁଞ୍ଜି ସରିଯାଇଥିବାରୁ ଆଗକୁ ଅଧିକ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ରୋଗରେ ଶଯ୍ୟାଶାୟୀ ହୋଇଥିବା ବେଳେ ପରିବାର ପ୍ରତିପୋଷଣ ସହ ନିଜର ଚିକିତ୍ସା ଖର୍ଚ୍ଚ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

ସେ ନିକଟସ୍ଥ ଆଡ଼ିଆ ଓଡ଼ିଶା ବ୍ରିଗେଡ୍ ସ୍କୁଲରେ ସ୍ୱଳ୍ପ ବେତନରେ ଶିକ୍ଷକତା ଓ ଟ୍ୟୁଶନ କରି ଗୁଜୁରାଣ ମେଣ୍ଟାଉଥିଲେ। ଦୁଇବର୍ଷ ତଳେ ତାଙ୍କ ଦେହ ବାରମ୍ବାର ଅସୁସ୍ଥ ହେବାରୁ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ କର୍କଟ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। କର୍କଟ ଆକ୍ରାନ୍ତ ଜାଣିବା ପରେ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିବା


ଚିକିତ୍ସାଧୀନ ଅପର୍ତ୍ତି ଜେନା।

ବେଳେ ବ୍ୟୟବହୁଳ ଚିକିତ୍ସା ତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବାରମ୍ବାର ଡାକ୍ତରଖାନା ଯିବା ଆସିବା ଖର୍ଚ୍ଚ ବହୁଳ ହେଉଥିବା ବେଳେ ଆଗକୁ ଚିକିତ୍ସା ପାଇଁ ସାହାଯ୍ୟ ସହଯୋଗ ଲାଗି ସେ ନିବେଦନ କରିଛନ୍ତି।

# ଶୋଭାଯାତ୍ରାରେ ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

ବାସୁଦେବପୁର,୨୧।୫
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀର ୨୧ ନଂ. ଜିଲା ପରିଷଦ ଜୋନ୍‌ରେ ବିଜେଡି ମଙ୍ଗଳବାର ତା'ର ଶକ୍ତି ପ୍ରଦର୍ଶନ କରିଛି। ବାସୁଦେବପୁର ଭେଡ଼ା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଭେଡ଼ାନାୟକାଣୀଙ୍କ ମନ୍ଦିରଠାରୁ ବାଇକ୍ ଶୋଭାଯାତ୍ରା ବାହାରି ଜୋନ୍ ଅଧୀନରେ ଥିବା ପଞ୍ଚାୟତଗୁଡ଼ିକ ବୁଲି ପ୍ରଚାର କରିଛି। ବିଜେଡି ଭଦ୍ରକ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଜିଲା ବିଜେଡି ସାଧାରଣ ସମ୍ପାଦକ ଭାଗୀରଥି ବଳ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଘଡ଼େଇ ପ୍ରମୁଖ ଏକ ସୁସଜ୍ଜିତ ଖୋଲା ଗାଡ଼ିରେ ଏହି ରାଲିରେ ସାମିଲ ହୋଇ ଭୋଟ ଭିକ୍ଷା କରିଥିଲେ। ବାଲିମେଦ, ଆନ୍ଦୋଳା, କରଞ୍ଜଆଡ଼ିଆ, ନାୟକାଣିଡିହୀ, ବିରସ, ଗୋବିନ୍ଦପୁର, ବାଲିମୁଣ୍ଡା, ରାଜଘରପୋଖରୀ, ବିରସ ଆଦି ପଞ୍ଚାୟତ ପରିକ୍ରମା କରି ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ପ୍ରଚାର କରିଛନ୍ତି। ରାଲିରେ ୭/୮ ହଜାର ବିଜେଡି କର୍ମୀ ଓ ସମର୍ଥକ ସାମିଲ ଥିଲେ।


ବିଜେଡି ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ରାଲିରେ ପ୍ରଚାର କରୁଛନ୍ତି।

## ଦଳକୁ ଫେରିଲେ ପୁରୁଣା ନେତା, କର୍ମୀ

ଚାନ୍ଦବାଲି,୨୧।୫(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ମତୋସ୍ଥିତ ଭାଜପା କାର୍ଯ୍ୟାଳୟରେ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳର ପୁରୁଣା ନେତା ଓ କର୍ମୀମାନେ ଭାଜପାକୁ ଫେରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ନାଲୁଗୁଣ୍ଡା ପଞ୍ଚାୟତର ବିଜେଡି ଯୁବନେତା ଦିଲୀପ କୁମାର ଭୋଇ, ବ୍ରଜମୋହନ ବାରିକ ଏବଂ ରମେଶ ବାରିକ ଶତାଧିକ କର୍ମୀଙ୍କ ସହ ବାଇକ୍ ଶୋଭାଯାତ୍ରାରେ ଆସି ଭାଜପାରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ସାମଲ ଓ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ।

ସେହିପରି କିଛିଦିନ ତଳେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଭାଟପଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରାଜୀବ ଲୋଚନ ସାହୁ ତାଙ୍କ ସମର୍ଥକଙ୍କ ସହ ପୁଣି ଦଳକୁ ଫେରିଛନ୍ତି। ଜୋନ୍ ସଭାପତି ଦୈତାରୀ ଦାସ, ନାଲୁଗୁଣ୍ଡା ସମିତିସଭ୍ୟ ଅଭୟ ବଳ, ମନୋଜ ଭଳ, ଡା. ସନ୍ତୋଷ ରାଉତ, ପ୍ରଭାସ ଶୁଭଦର୍ଶନ ମହାନ୍ତି, ଯୋଗେନ୍ଦ୍ର ଦାସ, ହେମେନ୍ଦ୍ର ବାରିକ, ରବୀନ୍ଦ୍ର ରାଉତ, ପତିତପାବନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ରୋଡ୍ ଶୋ' କଲେ ମନମୋହନ

ଚାନ୍ଦବାଲି,୨୧।୫(କିଷାନ ପାତ୍ର)

ଚାନ୍ଦବାଲିରେ ସୋମବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସତ୍ତ୍ୱେ ଭାଜପା ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଓ ଷ୍ଟାର ପ୍ରଚାରକ ଅନୁଭବ ମହାନ୍ତି ରୋଡ୍ ଶୋ' କରି ନିର୍ବାଚନ ପ୍ରଚାର କରିଛନ୍ତି। ଏହି ମେଗା ରୋଡ୍ ଶୋ'ରେ ବାଇକ୍ ରାଲିରେ ବହୁ ସଂଖ୍ୟାରେ ଭାଜପା ସମର୍ଥକ ସାମିଲ ହୋଇଥିଲେ। ଆଇନଜୀବୀ ତଥା ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ ଏଥିରେ ଯୋଗ ଦେଇଥିଲେ। ଘଣ୍ଟେଶ୍ୱର ବାଲିଆପାଳ ଘାଟ ନିକଟରୁ ଯଶୀପୁର ପର୍ଯ୍ୟନ୍ତ ରୋଡ୍ ଶୋ'ରେ ଗାଁ ଗାଁ ବୁଲିଥିଲେ। ଲୋକଙ୍କ ଭିଡ଼ ଦେଖି ଚାନ୍ଦବାଲିରେ ମନମୋହନଙ୍କ ବିଜୟ ସହ ଭାଜପା ରାଜ୍ୟରେ ସରକାର ଗଠନ ସୁନିଶ୍ଚିତ କରିବ ବୋଲି ଅନୁଭବ କହିଥିଲେ। ବର୍ଷା ହେଉଛି ଆମ ପାଇଁ ଶୁଭ। ଭାଜପା ସରକାର ଗଠନ କଲେ ଓଡ଼ିଶାରୁ ଭ୍ରଷ୍ଟାଚାର ଦୂର ହେବ ଏବଂ ରାଜ୍ୟରେ ସାମଗ୍ରିକ ଅର୍ଥନୈତିକ ବିକାଶ ବୃଦ୍ଧି ପାଇବ ବୋଲି ମନମୋହନ କହିଥିଲେ। ଘଣ୍ଟେଶ୍ୱର ଜୋନ୍ ସଭାପତି ମିତ୍ରଭାନୁ ଦାସ ନେତୃତ୍ୱ ନେଇଥିବା ବେଳେ ନାରୀନେତ୍ରୀ ମାଳତୀଲତା ସାହୁ, ରତୁରାଜ ଦାସ, ଅକ୍ଷୟ ନାୟକ, ସୁଶାନ୍ତ ପରିଡ଼ା, ରମାକାନ୍ତ ରାଉଳ ପ୍ରମୁଖ ଯୋଗ ଦେଇଥିଲେ।


ରୋଡ୍ ଶୋ'ରେ ଭାଜପା ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଓ ଷ୍ଟାର ପ୍ରଚାରକ ଅନୁଭବ ମହାନ୍ତି।

## ସଂକ୍ଷେପରେ

### ରାଜପଥରୁ ଆସାମ ଯୁବକଙ୍କ ମୃତଦେହ ଜବତ

ରୂପସା, ୨୧।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅମର୍ଦ୍ଦାରୋଡ଼ ଫାଣ୍ଡି ଅଧୀନ ଗୋଡ଼ିଖାଳ ନିକଟରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଆସାମ ରାଜ୍ୟର ପାଣିଖଇତି ତାମୂଲବାରୀ ଅଞ୍ଚଳର ରାମ ଚେତ୍ରୀ(୫୪)। ଗୋଡ଼ିଖାଳ ଛକର ଜାତୀୟ ରାଜପଥ ପାର୍ଶ୍ୱ ଦୁଇ ଡିଭାଇଡର ମଝି ଘାସବୁଦାରେ ଉକ୍ତ ବ୍ୟକ୍ତିଙ୍କ ମୃତଦେହ ପଡିରହିଥିଲା। ସ୍ଥାନୀୟ ଲୋକେ ଦେଖି ଅମର୍ଦ୍ଦାରୋଡ଼ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି। ସେହି ସ୍ଥାନରେ ପଡିଥିବା ଏକ ବ୍ୟାଗ୍ ଓ ଆଧାରକାର୍ଡ଼କୁ ପୋଲିସ ଜବତ କରିଛି। ଉକ୍ତ ଆଧାରକାର୍ଡ଼ରୁ ତାଙ୍କ ପରିଚୟ ମିଳିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ତଦନ୍ତ ଜାରି ରଖିଛି। ତେବେ ରାମୁଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ମୃତ ଯୁବକଙ୍କ ପରିବାର ଲୋକଙ୍କୁ ପୋଲିସ ପକ୍ଷରୁ ଖବର ଦିଆଯାଇଛି।

### ସୋରରେ ମଧ୍ୟପ୍ରଦେଶ ମନ୍ତ୍ରୀ

ବାହାନଗା, ୨୧।୫(ଅରୂପ୍ କୁମାର ଦାସ)

ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ସବୁଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ବାଲେଶ୍ୱର ଜିଲା ସୋର ନିର୍ବାଚନମଣ୍ଡଳୀର ଭାଜପା ପକ୍ଷରୁ ନିର୍ବାଚନ ପରିଚାଳନା ନିମନ୍ତେ ମଧ୍ୟପ୍ରଦେଶ ରାଜ୍ୟର ଜଳସେଚନ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଜଳସେଚନ ମନ୍ତ୍ରୀ ତୁଳସୀ ରାମଜୀ ସୋର ନିର୍ବାଚନମଣ୍ଡଳୀରେ ପହଞ୍ଚିବା ପରେ ସୋର ବ୍ଲକ, ବାହାନଗା ବ୍ଲକର ବିଭିନ୍ନ ଦଳୀୟ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିର୍ବାଚନ ପରିଚାଳନାର ତଦାରଖ କରିବା ସହିତ ଉପସ୍ଥିତ ଦଳୀୟ ନେତୃବୃନ୍ଦମାନଙ୍କୁ ନିର୍ବାଚନ ବୈତରଣୀ ପାରହେବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ତାଙ୍କ ସହିତ ଉପସ୍ଥିତ ଥିଲେ ଭଦ୍ରକ ସଂସଦୀୟ କ୍ଷେତ୍ରର ସଂଯୋଜକ ଈଶ୍ୱର ଚନ୍ଦ୍ର ବେହେରା, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି ଓ ଅନ୍ୟମାନେ।

# ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ବାଲେଶ୍ୱର, ୨୧।୫(ମାନସ ବିଶ୍ୱାଳ)


ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ନିର୍ବାଚନ ପ୍ରଚାର ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ତିନିଦିନିଆ ବାଲେଶ୍ୱର ଗସ୍ତରେ ଆସି ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିଛନ୍ତି। ମଧ୍ୟାହ୍ନ ୧୨ଟା ୧୫ରେ ରେଳମନ୍ତ୍ରୀ ତେଜସ୍ ରାଜଧାନୀ ଏକ୍ସପ୍ରେସ ଯୋଗେ ବାଲେଶ୍ୱରରେ ପହଞ୍ଚିଥିଲେ। ସେ କହିଥିଲେ ଯେ, ବିଜେଡ଼ି ଶାସନରେ ଓଡ଼ିଶାରେ ବିକାଶ ପଛେଇ ଯାଇଛି। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା ସବୁକ୍ଷେତ୍ରରେ ପଛୁଆ ହୋଇ ରହିଯାଇଛି। ଭାଜପା ସରକାରକୁ ଆସିଲେ ଓଡ଼ିଶାକୁ ସବୁକ୍ଷେତ୍ରରେ ୧ ନମ୍ବର କରିବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ରେଳମନ୍ତ୍ରୀ ବୈଷ୍ଣବ ପ୍ରକାଶ କରିଛନ୍ତି।

ରେଳମନ୍ତ୍ରୀ ବାଲେଶ୍ୱର ରେଳଷ୍ଟେଶନରେ ପହଞ୍ଚିବା ପରେ ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ କେନ୍ଦ୍ରୀୟ ପ୍ରଭାରୀ ମନୋରଞ୍ଜନ ମିଶ୍ର, ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ବାଲେଶ୍ୱର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ପ୍ରଭାରୀ ସୁଷମା ରାଣୀ ବିଶ୍ୱାଳ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ସଦର ସଂଯୋଜକ ପର୍ଶୁରାମ ବେହେରା, ମମତା ମହାପାତ୍ର, ବିଜୟ ସାହୁ, ଅଜିତ୍ ପାଢ଼ୀ, ସସ୍ମିତା ଚାନ୍ଦ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଜିଲା ଯୁବମୋର୍ଚ୍ଚା ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରାରେ ରେଳମନ୍ତ୍ରୀ ବୈଷ୍ଣବଙ୍କୁ ବାମପଦାସ୍ଥିତ ନୋସି ଅତିଥି ଗୃହକୁ

**ବାଇକ୍ ଶୋଭାଯାତ୍ରା**

ନିଆଯାଇଥିଲା। ସେଠାରେ କିଛି ସମୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଅପରାହ୍ନରେ ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ବାଲିପାଳ ପଡ଼ିଆରେ ଆୟୋଜିତ ଏକ ମହିଳା ସମ୍ମିଳନୀକୁ ସମ୍ବୋଧିତ କରି ମୋଦିଜୀଙ୍କ ଓଡ଼ିଶା ପାଇଁ ଦେଇଥିବା ଗ୍ୟାରେଣ୍ଟିବାର୍ତ୍ତାର ଉପସ୍ଥାପନ କରିଥିଲେ। ପରେ ସନ୍ଧ୍ୟା ୬ଟାରେ ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ କସିପଦା ପଡ଼ିଆରେ ଆୟୋଜିତ ଜନସଭା କାର୍ଯ୍ୟକ୍ରମରେ ଯୋଗଦେଇ ଦୁଇଟି ପଦ୍ମ ଦୁଇ ଗୁଣ ବିକାଶ ହେଉଛି ଓଡ଼ିଶାର ପ୍ରଗତିର ବାର୍ତ୍ତା କହିବା ସହ ମୋଦିଜୀଙ୍କ ତୃତୀୟ ପାଳି ସରକାରରେ ବାଲେଶ୍ୱର ଲୋକସଭାକୁ ସାମିଲ କରିବା ପାଇଁ ଭୋଟରଙ୍କୁ ଆହ୍ୱାନ କରିଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ

ବାଲେଶ୍ୱର, ୨୧।୫(ମାନସ ବିଶ୍ୱାଳ)


କର୍ମୀ ସମ୍ମିଳନୀରେ ବିଜେଡି ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ସହ ଚଳଚ୍ଚିତ୍ର ତାରକା ଓ ଅନ୍ୟମାନେ।

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ୨୫ନଂ. ଜୋନ୍‌ର ସିନ୍ଧିଆ ପଞ୍ଚାୟତ ହାଟପୋଖରୀ ପଡ଼ିଆଠାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିଧିପଣ୍ଡା ବାଇପାସ୍‌ରୁ ଏକ ବାଇକ୍ ଶୋଭାଯାତ୍ରାରେ ଏମ୍‌ପି ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ସଭାସ୍ଥଳକୁ ନିଆଯାଇଥିଲା। ଚଳଚ୍ଚିତ୍ର ତାରକା ଅଭିନେତ୍ରୀ ଜିନା, ଭୂମିକା ଏବଂ ଅଭିନେତା ସ୍ୱରାଜ ବାରିକ ଶୋଭାଯାତ୍ରା ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

ସମ୍ମିଳନୀରେ ବିଜେଡିର ସଦର ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିଛନ୍ତି। ଏମ୍‌ପି ପ୍ରାର୍ଥିନୀ ଡ. ସାମନ୍ତସିଂହାର ଯୋଗଦେଇ ମୁଖ୍ୟମନ୍ତ୍ରୀ ସବୁବେଳେ ନାରୀଙ୍କୁ ସମ୍ମାନ ଦିଅନ୍ତି, ସେଥିପାଇଁ ଓଡ଼ିଶାର ନାରୀ ସମାଜ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଥିବା କହିଥିଲେ। କାର୍ଯ୍ୟକ୍ରମରେ ଗୋପୀନାଥପୁର ସରପଞ୍ଚ କମଳଲୋଚନ ପରିଡ଼ା, ଜିଲା ପରିଷଦ ପ୍ରାର୍ଥୀ ସଞ୍ଜୟ ଦାସ, ସିନ୍ଧିଆ ପଞ୍ଚାୟତର ବିଜେଡି ସଭାପତି ପ୍ରସନ୍ନ କୁମାର ଜେନା ଓ ବୁଆଁଳ ପଞ୍ଚାୟତର କାର୍ଯ୍ୟକାରୀ ସଭାପତି ଅଜୟ ନାୟକ ପ୍ରମୁଖ ଯୋଗଦେଇ ଥିଲେ।

### ସମ୍ବିତଙ୍କ ପ୍ରାର୍ଥୀପତ୍ର ନାକଚ ଦାବି କଲା କଂଗ୍ରେସ

ଖଇରା, ୨୧।୫(ଉତ୍କଳବନ୍ଧୁ ପଣ୍ଡା)

ନିର୍ବାଚନୀ ସଭାରେ ଓଡିଆଙ୍କର ଆରାଧ୍ୟ ଦେବତା ପ୍ରଭୁଶ୍ରୀ ଜଗନ୍ନାଥଙ୍କୁ ଅପମାନିତ କରିଥିବା ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ଟିପ୍ପଣୀକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଖଇରା କଂଗ୍ରେସ। ବଣପାରିଆସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କର ପ୍ରାର୍ଥୀପତ୍ରକୁ ନାକଚ କରାଯିବାକୁ ସିମୁଳିଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଦାବି କରିଛନ୍ତି। ଉକ୍ତ ସମ୍ମିଳନୀରେ ଜିଲା ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ବରିଷ୍ଠ ନେତ୍ରୀ ମଧୁମିତା ସେଠୀ, ବରିଷ୍ଠ ନେତା ରାମଚନ୍ଦ୍ର ଶତପଥି, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା, ମୋବାଇଲ ଛଡାଇ ନେଇଥିବା ଯୁବକ ଗିରଫ

ବାହାନଗା, ୨୧।୫(ଅରୂପ କୁମାର ଦାସ)

କାମ କରୁଥିବା ଶ୍ରମିକଙ୍କଠାରୁ ଟଙ୍କା ଓ ମୋବାଇଲ ଛଡାଇ ନେଇଥିବା ଯୁବକଙ୍କୁ ଖନ୍ତାପଡା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୦୫/୨୪) ରୁଜୁ କରାଯାଇଛି । ଗିରଫ ଯୁବକଙ୍କଠାରୁ ଗୋଟିଏ ତେଲେଙ୍ଗାକଟୁରୀ, ଦୁଇଟି ମୋବାଇଲ ଫୋନ ଓ ୨ହଜାର ୩ଶହ ଟଙ୍କା ଜବତ କରାଯାଇଛି। ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକର ଶ୍ରୀଜଙ୍ଗଠାରେ ଥିବା କଣ୍ଟିଆଚିରା ନାଳ କାମ ହେଉଥିବା ବେଳେ ସେହି କାମରେ ନିୟୋଜିତ ହୋଇଥିବା ଲୋକମାନେ ସେହିଠାରେ ରହିଥାନ୍ତି । ମାତ୍ର କାମ ସରିବା ପରେ ସନ୍ଧ୍ୟାରେ ଫାଙ୍କାରେ ବସିଥିବା ବେଳେ ନିକଟସ୍ଥ ଗ୍ରାମର ଜଣେ ଯୁବକ ତେଲଙ୍ଗା କଟୁରୀ ବସିଥିବା ଶ୍ରମିକଙ୍କ ବେକରେ ଲଗାଇ ଦୁଇଜଣଙ୍କ ମୋବାଇଲ ଫୋନ ଓ ସେମାନଙ୍କ ପାଖରେ ଥିବା ୨ ହଜାର ୩ଶହ ଟଙ୍କା ଧରି ପଳାଇଥିଲା । ମାତ୍ର ଶ୍ରମିକମାନେ ଏ ବାବଦରେ ଠିକାଦାରଙ୍କଠାରେ କହିବା ପରେ ଠିକାଦାର ଭଜଗୋବିନ୍ଦ ନାୟକ ଖନ୍ତାପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରିବା ସହ ଯୁବକଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଫୋନ ଜବତ କରିଥିଲା।

## ସୁବାସିନୀଙ୍କ ପାଇଁ ପ୍ରଚାର କଲେ ଅଭିନେତା


ସୁବାସିନୀଙ୍କ ପାଇଁ ବବି ମିଶ୍ର ପ୍ରଚାର କରୁଛନ୍ତି।

ଖଇରା, ୨୧।୫(ଉତ୍କଳବନ୍ଧୁ ପଣ୍ଡା)

ସିମୁଳିଆ ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ସୁବାସିନୀ ସାହୁଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଛନ୍ତି ଅଭିନେତା ବବି ମିଶ୍ର । ମଙ୍ଗଳବାର ଖଇରା ବ୍ଲକର ରଟିଣା ସମେତ ବର୍ତ୍ତନା, ବାଉଁଶଗଡିଆ, କଇଥଗଡିଆଠାରେ ବିଶାଳ କର୍ମୀ ସମାବେଶରେ ଯୋଗଦେଇ ମହିଳା ପ୍ରାର୍ଥିନୀ ଭାବେ ସୁବାସିନୀ ସାହୁ ଓ ଭଦ୍ରକ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳଙ୍କୁ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ରଟିଣାଠାରେ ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାର୍ଥିନୀ ସାହୁ ବକ୍ତବ୍ୟରେ ବିଧାୟକ ହେବା ପରେ କୌଣସି ପରିସ୍ଥିତିରେ ଦୁର୍ନୀତିକୁ ପ୍ରଶ୍ରୟ ଦେବେ ନାହିଁ, ତାଙ୍କର ସମସ୍ତ ସରକାରୀ ପ୍ରାପ୍ୟକୁ ସେ ଗରିବଙ୍କୁ ଦାନ କରିବେ ବୋଲି କହିଥିଲେ। ରାଜ୍ୟ ମାନବସମ୍ବଳ ସଂସ୍କୃତି ବିଭାଗ ସମ୍ପାଦକ ଶଶିକୁମାର ସାହୁ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ରଟିଣା ସରପଞ୍ଚ ବାସନ୍ତୀ ମହାନ୍ତି, ସମିତିସଭ୍ୟା ଛବିଲତା ମହାପାତ୍ର, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ନିରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାନ୍ତି, ରଘୁନାଥ ପଣ୍ଡା, ସୁଷମା ମହାପାତ୍ର ଓ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରଟିଣା ପଞ୍ଚାୟତର ବିଶିଷ୍ଟ ଭାଜପା ନେତା ସୁଧାଂଶୁ ଶେଖର ପାତ୍ରୀ ଏବଂ ଅନ୍ୟଦଳର କର୍ମୀ ଭରତ ଚନ୍ଦ୍ର ଦାସ, ଶମ୍ଭୁନାଥ ଦାସ ଓ ବିଚିତ୍ର ଦାସ ପ୍ରମୁଖ ବିଜେଡିର ସଦସ୍ୟତା ଗ୍ରହଣ କରିଥିଲେ।



## କଂଗ୍ରେସରେ ମିଶିଲେ ବିଜେଡି କର୍ମୀ


କଂଗ୍ରେସରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ।

ମୋରଡା, ୨୧।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ କଲରାଫୁଲିଆଠାରେ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଶ୍ରଣ ପର୍ବରେ ବ୍ଲକର କୋହି, ସାନମୁଣ୍ଡାବଣି, ଘୋଳମୁହାଁ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଆଜି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଥିଲେ। ଉକ୍ତ ମିଶ୍ରଣ ପର୍ବରେ କୋହି ପଞ୍ଚାୟତର ମନ୍ମଥ ବେହେରାଙ୍କ ନେତୃତ୍ୱ ତଥା ଲକ୍ଷ୍ମୀଧର ମାର୍ଣ୍ଡିଙ୍କ ସହଯୋଗରେ ସନ୍ତୋଷ କୁମାର ପାତ୍ର, ପରମେଶ୍ୱର ପାତ୍ର, ସୁବାସ ତୁଙ୍ଗ, ମୀନକେତନ ବେହେରା, ଦିଲୀପ କୁମାର ବେହେରା, ହିମାଂଶୁ ଶେଖର ଧଳଙ୍କ ସହିତ ଅନ୍ୟ କର୍ମୀମାନେ କଂଗ୍ରେସରେ ସାମିଲ ହୋଇଥିଲେ। ସେହିପରି ସାନମୁଣ୍ଡାବଣି ପଞ୍ଚାୟତର ଚାଇନା ଟୁଡୁଙ୍କ ନେତୃତ୍ୱରେ ଶିବ ସୋରେନ, ନାଇକା ହେମ୍ବ୍ରମ, ସୁରେନ୍ଦ୍ର ସୋରେନ, ମାଇସା କିସ୍କୁ, ଜଗା ଟୁଡୁ, ବିମଲ ହେମ୍ବ୍ରମଙ୍କ ସହିତ ଅନ୍ୟମାନେ ମୋରଡ଼ା ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ଯୋଗ ଦେଇଥିଲେ। ରସଗୋବିନ୍ଦପୁର ବ୍ଲକ ଅଧୀନ ଗାଁଅମର୍ଦ୍ଦା ପଞ୍ଚାୟତର ହରିଶଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ତିଳୋତ୍ତମା ପ୍ରଧାନ, ରମେଶ ହାଁସଦା, ଚନ୍ଦ୍ରମୋହନ ପାତ୍ର, ମନୋଜ କୁମାର ବାରିକ, ତ୍ରିଲୋଚନ ବେହେରା ପ୍ରମୁଖ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୋରଡା ବ୍ଲକ ସଭାପତି ରାଜେଶ ପଢିଆରୀ, ଶୁଳିଆପଦା ବ୍ଲକ ସଭାପତି ଧ୍ରୁବେନ୍ଦ୍ରନାଥ ସି ପ୍ରମୁଖ ଉପସ୍ଥିତ ଥିଲେ।

# ଘଣ୍ଟି ବଜାଇ ପ୍ରତିବାଦ କଲେ ସେବାୟତ

ବାରିପଦା, ୨୧।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ଅରୁଚିକର ବୟାନ**

ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନେଇ ପୁରୀ ଲୋକସଭା କ୍ଷେତ୍ର ଭାଜପା ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ଅରୁଚିକର ବୟାନ ଘଟଣାକୁ ଓଡ଼ିଶା ସେବାୟତ ସଂଘ ନିନ୍ଦା କରିଛି। ସଂଘର ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିର ସମ୍ମୁଖରେ ସେବାୟତମାନେ ଘଣ୍ଟଘଣ୍ଟା ବଜାଇ ପ୍ରତିବାଦ କରିଛନ୍ତି। ଏମପି ପ୍ରାର୍ଥୀ ପାତ୍ର ପ୍ରଭୁ ଜଗନ୍ନାଥଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭକ୍ତ ବୋଲି କହିବା ପ୍ରଭୁଙ୍କ ପ୍ରତି ଅପମାନ ଅଟେ। ଉକ୍ତ ବିବୃତି ଓଡ଼ିଆଙ୍କୁ ଗଭୀର ଆଘାତ ଦେଇଛି ବୋଲି ସେବାୟତମାନେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦିଙ୍କ ପୁରୀ ଗସ୍ତ ସମୟରେ ସମ୍ବିତ ଗଣମାଧ୍ୟମକୁ ଦେଇଥିବା ଅରୁଚିକର ବୟାନକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଯାହାକୁ ନେଇ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନରେ ଗଭୀର ଆଘାତ ଦେଖା ଦେଇଥିଲା । ଏ ନେଇ ସେବାୟତ ସଂଘ ପକ୍ଷରୁ ପ୍ରତିବାଦ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶା ତଥା ଓଡ଼ିଆଙ୍କ ଅସ୍ମିତାର ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ । ତେଣୁ ମହାପ୍ରଭୁଙ୍କୁ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରଖିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।



ସେବାୟତମାନେ ପ୍ରତିବାଦ କରୁଛନ୍ତି।

## ବାରିପଦା କଚେରିରେ ସୁଦାମଙ୍କ ପ୍ରଚାର


ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ଆଇନଜୀବୀଙ୍କୁ ଭେଟୁଛନ୍ତି।

ବାରିପଦା, ୨୧।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନିର୍ବାଚନ ପାଖେଇ ଆସୁଥିବା ବେଳେ ମୟୂରଭଞ୍ଜ ଜିଲାରେ ପ୍ରଚାର ସରଗରମ ହୋଇଛି। ବିଜେଡି,କଂଗ୍ରେସ ଓ ଭାଜପା ପକ୍ଷରୁ ବିଭିନ୍ନ ସଭାସମିତି ଓ ଜନସମାବେଶ ଅନୁଷ୍ଠିତ ହେଉଛି। ହାଇ ପ୍ରୋଫାଇଲ ନେତା ଓ ଷ୍ଟାର ପ୍ରଚାରକଙ୍କ ଭିଡ ଜମିବା ଆରମ୍ଭ ହୋଇଛି। ସହରଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ନେତା ଓ କର୍ମୀମାନେ ଘରକୁ ଘର ବୁଲି ଭୋଟରଙ୍କୁ ଆପଣାର କରିବାରେ ଲାଗିଛନ୍ତି। ବାରିପଦା ପୌର ପରିଷଦ ଅଞ୍ଚଳରେ ବିଜେଡିର ମାରାଥନ ପ୍ରଚାର ଜୋର ଧରିଛି। ମଙ୍ଗଳବାର ବାରିପଦା କଚେରି ପରିସରରେ ବିଜେଡିର ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ମିଳିତ ଭାବେ ପ୍ରଚାର କରିଛନ୍ତି। ଜିଲା ବାର କାଉନସିଲର ଆଇନଜୀବୀମାନଙ୍କୁ ଭେଟିବା ସହ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟଧାରା ଜାରି ରହିଥିବାରୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଅବସ୍ଥାପିତ କରିବା ପାଇଁ ଜନସମର୍ଥନ ଲୋଡିଛନ୍ତି। କଚେରି ମଧ୍ୟରେ ଥିବା ସମସ୍ତ ଆଇନଜୀବୀଙ୍କୁ ଭେଟି ପ୍ରଚାରପତ୍ର ପ୍ରଦାନ କରିବା ସହ ଭାବବିନିମୟ କରିଥିଲେ। ଜିଲା ବାର କାଉନସିଲର ସଦସ୍ୟ ଓ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ରହି ବିଜେଡି ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ।

## ‘ଲୋକଙ୍କ ସେବା ଓ ରାଜ୍ୟର ବିକାଶ ନବୀନଙ୍କ ମୂଳ ଲକ୍ଷ୍ୟ’


ସଭାରେ ଉପସ୍ଥିତ ବିଜେଡି ପ୍ରାର୍ଥିନୀ ଓ ଅନ୍ୟମାନେ।

ମୋରଡ଼ା, ୨୧।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ମାରାଥନ ନିର୍ବାଚନ ପ୍ରଚାର ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ରାସଗୋବିନ୍ଦପୁର ବ୍ଲକ ଅଧୀନ ମାଣିଦାଠାରେ ୪୭ନଂ. ଜୋନ ସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ସଂଯୋଜକ କୃଷ୍ଣାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନ ତଥା ରାସଗୋବିନ୍ଦପୁର ବ୍ଲକ ପର୍ଯ୍ୟବେକ୍ଷକ ବିଜନ ନାଏକଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ବିଧାୟକ ରାଜକିଶୋର ଦାସ, ରାଜ୍ୟ ଯୁବ ସମ୍ପାଦକ ସତ୍ୟବ୍ରତ ମହାନ୍ତି, ବ୍ଲକ ସଭାପତି ହରେକୃଷ୍ଣ ନାଏକ,ଯୁବ ନେତା ଉତ୍ତମ ମହାନ୍ତି, ମୀନକେତନ ମହାନ୍ତି, ବ୍ଲକ ମହିଳା ସଭାପତି, ଯୁବ ସଭାପତି, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସଭାପତି ଉତ୍କଳ ମହାନ୍ତି ଓ ଲିଙ୍ଗରାଜ ପରିଡାଙ୍କ ନେତୃତ୍ୱରେ ଝିଙ୍କିରିଆରୁ ଏକ

**ମୋରଡ଼ା ୪୭ନଂ. ଜୋନରେ ବିଜେଡିର ନିର୍ବାଚନୀ ସଭା**

ବିଶାଳ ବାଇକ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋଙ୍କୁ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଲୋକଙ୍କ ସେବା ଓ ରାଜ୍ୟର ବିକାଶ କରିବା ନବୀନ ପଟ୍ଟନାୟକଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରାର୍ଥିନୀ କାନୁନଗୋ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଘବପୁର ପଞ୍ଚାୟତର ଯୁବ ଭାଜପା ନେତା ପାର୍ଥସାରଥୀ ଗିରି, ବଡାମପୁର ପଞ୍ଚାୟତର ଭାଜପା ନେତା ପ୍ରଭାକର ଖିଲାର, ଭଞ୍ଜସେନା ବ୍ଲକ ସଭାପତି ପଦ୍ମଲୋଚନ ଦାସ, ତୋଟାପଡା ପଞ୍ଚାୟତର ସାନ ମହାନ୍ତ, ଯତୀନ୍ଦ୍ର ମହାନ୍ତ ବିଜେଡିରେ ମିଶିଥିଲେ ।

# ମୟୂରଭଞ୍ଜ ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ ପ୍ରତିଯୋଗିତା

ବାରିପଦା, ୨୧।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମଞ୍ଚାସୀନ ଅତିଥିମାନେ।

ମୟୂରଭଞ୍ଜ ଜିଲା ଶିକ୍ଷା ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମେଳନ କକ୍ଷ ପରିସରରେ ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁ, ବାରିପଦା ବ୍ଲକର ନୋଡାଲ ପିଇଟି କଳ୍ପନା ମହାପାତ୍ର, ଯୋଗଗୁରୁ ଧୃବେନ୍ଦ୍ର ଭଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ବିନୋଦ ରାମ, ଜ୍ୟୋତିରଞ୍ଜନ ଦାସ,ହିମାନୀ ପାତ୍ର, ମନୋଜ ରାମ, ସରୋଜ ରାମ, ମିତାକ୍ଷୀ ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ଡା ଦିଲ୍ଲୀପ କୁମାର ପଣ୍ଡା ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ, ସୋନାଲି ପରିଡ଼ା ଯୋଗ ଦେଇଥିଲେ।

ଚଳିତ ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ୟୁନିଟ-୩ରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ଼ରେ ମୟୂରଭଞ୍ଜ ଜିଲାରୁ ୧୬ଜଣ ଛାତ୍ରୀଛାତ୍ର ଯୋଗ ଦେବେ ବୋଲି ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମଲ୍ଲିକ ପ୍ରକାଶ କରିଛନ୍ତି। ସେମାନେ ହେଲେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ, ସ୍ୱାଧୀନ ମଣ୍ଡଳ, ରୁଦ୍ର ନାରାୟଣ ଦାସ ଓ ବାଳିକା ବିଭାଗରେ ସୁଭାଗା ବରାଳ, ସଙ୍ଗୀତା ପାଢ଼ୀ, ସାଇପ୍ରିୟା ସିଂ, ଲକ୍ଷ୍ମୀ ସୋରେନ। ସେହିପରି ୧୬ ବର୍ଷରୁ କମ୍ ବାଳକ ବିଭାଗରେ ଚିନ୍ମୟ ମହାକୁଡ଼, ଶୁଭଜିତ କୁଇଲା, ତାପସ ଚନ୍ଦ୍ର ଦାସ, ଉମ୍ବରୁଧର ମହାନ୍ତ ଓ ବାଳିକା ବିଭାଗରେ ଜସ୍ମିନ ଶତପଥୀ, ସସ୍ମିତା ସିଂ, ପୂର୍ଣ୍ଣିମା ଭଟ ଓ ସୁମିତ ମହାନ୍ତ।

